
ଚକ୍ର (Crop Rotation) କରାଯିବା ଉଚିତ୍ । ଏହି ରୋଗ ଦେଖାଦେଲେ ଆକ୍ରାନ୍ତ ଗଛକୁ କାଟି ଅନ୍ୟତ୍ର ପୋତିଦେବା ଉଚିତ୍ । ଅନ୍ୟସବୁ ଗଛମୂଳରେ ୫ଲିଟର ପାଣିରେ ୫ଗ୍ରାମ୍ ବାଭିଷ୍ଟିନ୍ ମିଶାଇ ବ୍ୟବହାର କରିବା ଉଚିତ୍ ।

**ପତ୍ରବାଗ ରୋଗ** - ଜଳବାୟୁ ଅତ୍ୟଧିକ ଆର୍ଦ୍ର ଓ ଉଷ୍ଣ ହେଲେ ଏ ରୋଗ ବିଶେଷଭାବେ ବ୍ୟାପେ । ଏହି ରୋଗ ଆକ୍ରାନ୍ତ ହେଲେ ଗଛର ପତ୍ରଗୁଡିକ ହଳଦିଆ ପଡି ମରିଯାଏ । ଏହି ରୋଗର ଦମନ ପାଇଁ ବାଭିଷ୍ଟିନ୍ ୧ଗ୍ରାମ + କ୍ୟାଲିସିୟମ୍ ୧ ଗ୍ରାମ ଏବଂ ୨ ମି.ଲି ଟିପଲ୍ ପ୍ରତି ଲିଟର ପାଣିରେ ମିଶାଇ ୧ମାସ ବ୍ୟବଧାନରେ ସିଞ୍ଚନ କରାଯିବା ଉଚିତ୍ ।

**କାଣ୍ଡବିନ୍ଧା ପୋକ** - ସାଧାରଣତଃ ଏହି ପୋକ ଏପ୍ରିଲରୁ ଅକ୍ଟୋବର ମାସ ମଧ୍ୟରେ ଗଛକୁ ଆକ୍ରମଣ କରେ । ଗଛ ମୂଳରେ ୨୦-୪୦ ଗ୍ରାମ୍ ପୁରାଡନ୍ ଗୁଣ୍ଡ ଦେଲେ ଏହି ପୋକକୁ ଦମନ କରାଯାଇପାରେ ।



**କନ୍ଦାପୋକ** - ଏହି ପୋକ କନ୍ଦା ଏବଂ ତଳମୂଳରେ ଦେଖାଯାଆନ୍ତି । ଏହାକୁ ଦମନ କରିବା ପାଇଁ ଗଛ ପିଛା ୨୦ ଗ୍ରାମ୍ ଫୋରେଟ୍ ବ୍ୟବହାର କରାଯିବା ଉଚିତ୍ ।

**ଅମଳ**- ଡେଙ୍ଗା କିସମ କଦଳୀ ୧୨ରୁ ୧୪ ମାସ ମଧ୍ୟରେ ଏବଂ ବାଙ୍ଗରା କିସମ କଦଳୀ ୯ ରୁ ୧୦ ମାସ ମଧ୍ୟରେ ଗଛରେ କାନ୍ଧି ଦେଇଥାଏ । ପେଶୀ ପୋଷଣକୃତ କଦଳୀ ଗଛ ୬ମାସରେ ଫୁଲ ଧରେ ଏବଂ ପରେ ୩ ମାସରେ ଫଳ ପାକଳ ହୁଏ । ପାଚିଲା କଦଳୀ କାଟିବାର ୧ ସପ୍ତାହ ପୂର୍ବରୁ ଗଛରେ ପାଣି ମଡାଇବା ବନ୍ଦ କରିବା ଉଚିତ୍ । ଫଳ ୭୫ ଭାଗ ପାଚିଲା ପରେ ଗଛରୁ କାଟିଦେଇ ପଚାଇବା ଉଚିତ୍ । ଗୋଟିଏ ଜାଗାରେ ଏକାଥରକେ ୩ବର୍ଷରୁ ବେଶୀଦିନ କଦଳୀ ବଗିଚା ରଖିବା ଉଚିତ୍ ନୁହେଁ । ଉନ୍ନତ ପ୍ରଣାଳୀରେ କଦଳୀ ଚାଷ କଲେ ବର୍ଷକୁ ୪୦,୦୦୦-୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିପାରିବ ।

---

**କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ, ଭଞ୍ଜନଗର**



# କଦଳୀ ଚାଷ ଦ୍ୱାରା ମହିଳା ସଶକ୍ତି କରଣ

ଡଃ ଶ୍ରୀମତୀ ଗୀତାଞ୍ଜଳୀ ସୁବୁଦ୍ଧି (SMS, Home Science)
ଶ୍ରୀ ସୁତନୁ କୁମାର ଶତପଥୀ (Prog. Co-ordinator)
କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ, ଭଞ୍ଜନଗର - ୭୬୧୧୨୬
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର



ଆଜିକାଲି ଅନେକ ମହିଳା ଚାଷୀ କଦଳୀ ଚାଷକୁ ଏକ ଲାଭଜନକ ବ୍ୟବସାୟ ରୂପେ ଗ୍ରହଣ କଲେଣି । କେତେକ ମହିଳା ଏକାକୀ ଏହାକୁ ଆପଣେଇବା ସ୍ଥଳେ ଆଉ କେତେକ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସମୂହ କାର୍ଯ୍ୟରୂପେ ଗ୍ରହଣ କରିଛନ୍ତି ।

କଦଳୀ ଏକ ପୁଷ୍ଟିସାରକ ଓ ସୁସ୍ୱାଦୁ ଫଳ । ଏଥିରେ ବହୁତ ପରିମାଣର ଶ୍ୱେତସାର, ଧାତବ ଲବଣ ଓ ଭିଟାମିନ୍ ଥାଏ ଯାହାକି ଆମ ସ୍ୱାସ୍ଥ୍ୟ ପାଇଁ ନିହାତି ଆବଶ୍ୟକ । କଦଳୀ ଗଛର ବହୁତ ଅଂଶ ଆମ ବ୍ୟବହାରରେ ଲାଗିଥାଏ । ଉନ୍ନତ ପ୍ରଣାଳୀରେ କଦଳୀଚାଷ କରି ପାରିଲେ ଆମ୍ଭେମାନେ ଲାଭବାନ ହୋଇପାରିବା ।

**ଜଳବାୟୁ ଓ ମୃତ୍ତିକା** - ସମୁଦ୍ର ଉପକୂଳବର୍ତ୍ତୀ ଆର୍ଦ୍ର ଓ ଉଷ୍ଣ ଜଳବାୟୁରେ କଦଳୀ ଚାଷରୁ ଭଲ ଉତ୍ପାଦନ ମିଳିଥାଏ । ଦୋରସା ପଟୁମାଟି, ଦୋରସା ମଟାଳମାଟି କଦଳୀଚାଷ ପାଇଁ ସର୍ବୋତ୍କୃଷ୍ଟ । ସନ୍ତସନ୍ତିଆ ଓ କ୍ଷାରମାଟି ଏହି ଚାଷ ପାଇଁ ଉପଯୁକ୍ତ ନୁହେଁ । ଏହି ଚାଷ ପାଇଁ ମାଟିର ଅମ୍ଳତା ୫.୫ ରୁ ୭.୫ ଭିତରେ ରହିବା ଉଚିତ୍ ।

**କିସମ** - ତରକାରୀ କଦଳୀ ହିସାବରେ ବନ୍ତଲ, ବଡିଶା ବନ୍ତଲ, ଗଜ ବନ୍ତଲ ଏବଂ ପାଚିଲା କଦଳୀ ହିସାବରେ ଚମ୍ପା, ପାଟକପୁରା, ରୋବଷ୍ଟା, କାବୁଲି ଏବଂ ଜି-୯ ପ୍ରଭୃତିକୁ ବ୍ୟବହାର କରାଯାଏ । ଏହିସବୁ କିସମର ଚାରା, ପେଶିପୋଷଣ ପଦ୍ଧତିରେ ସୃଷ୍ଟି କରାଯାଇ ବିକ୍ରୟ କରାଯାଉଅଛି ।

**ବଂଶ ବିସ୍ତାର** - କଦଳୀ ଚାଷ ପାଇଁ ଶିଙ୍ଗାପୁଆ ସର୍ବୋତ୍କୃଷ୍ଟ । ଏଗୁଡିକ ଦେଖିବାକୁ ଖଣ୍ଡାପରି ଏବଂ ପୁଆଟି ତଳଆଡୁ ମୋଟାହୋଇ ଉପର ଆଡକୁ ସରୁ ହୋଇଥାଏ । ଆଜିକାଲି ଆଧୁନିକ ପେଶିପୋଷଣ ପଦ୍ଧତିରେ ରୋଗ ଓ ପୋକ ପ୍ରତିରୋଧକ ଶକ୍ତି ଥିବା ବିଭିନ୍ନ କିସମର ଉନ୍ନତ କଦଳୀଚାରା ଅଳ୍ପ ସମୟରେ ଉତ୍ପାଦନ କରାଯାଇ ପାରୁଅଛି । ଏଥିରେ ଯଥେଷ୍ଟ ଅଧିକ ଅମଳ ମିଳେ ।



**ଜମି ପ୍ରସ୍ତୁତି ଓ ଚାରା ରୋପଣ** - ଜମିରୁ ଘାସ ଓ ଅନ୍ୟାନ୍ୟ ଗଛଲତା ନଷ୍ଟ କରିଦେଇ ରୋବଷ୍ଟା ଓ କାବୁଲି କଦଳୀପାଇଁ ୬ଫୁଟ ଘ ୬ଫୁଟ ଦୂରତାରେ ଏବଂ ଚମ୍ପା, ପାଟକପୁରା ପ୍ରଭୃତି ପାଇଁ ୮ଫୁଟ ଘ ୮ଫୁଟ ଦୂରତାରେ ୨ ଫୁଟ ଘ ୨ଫୁଟଘ ୨ଫୁଟ ଆକାରରେ ଗାତ ଖୋଳି ସେହିଗାତକୁ ଭଲଭାବରେ ଖରାରେ ଶୁଖାଇ ଦିଆଯିବା ଉଚିତ୍ । ଏହି ଗାତରେ କମ୍ପୋଷ୍ଟ କିମ୍ବା ଗୋବର ଖତ ସହିତ ୨୦-୪୦ ଗ୍ରାମ୍ ଫୁରାଡନ୍ ମିଶାଇ ଗାତକୁ ସମତଳ କରାଯିବା ଉଚିତ୍ । ସାଧାରଣତଃ ଚମ୍ପା, ପାଟକପୁରା ଓ ବନ୍ତଳ ଇତ୍ୟାଦି ଜ୍ୟେଷ୍ଠ ଓ କାର୍ତ୍ତିକ ମାସରେ ଲଗାଯାଏ । ବର୍ଷକରେ କଦଳୀ ଅମଳ ହେଉଥିବାରୁ କାବୁଲି ଓ ରୋବଷ୍ଟା କଦଳୀକୁ କାର୍ତ୍ତିକମାସରୁ ମାଘ ଓ ଫଗୁଣ ମଧ୍ୟରେ ଲାଗାଯାଇପାରିବ । ପେଶୀପୋଷଣ ପଦ୍ଧତିରେ ଉତ୍ପାଦିତ କଦଳୀଚାରା ଜଳସେଚନ ବ୍ୟବସ୍ଥା ଥିବା ଅଞ୍ଚଳରେ ଖରାଦିନକୁ ଛାଡି ବର୍ଷର ପ୍ରାୟ ସବୁ ସମୟରେ ଲଗାଯାଇପାରିବ ।

**ସାର ପ୍ରୟୋଗ** - ଭଲ ଅମଳ ପାଇଁ ଗଛ ପ୍ରତି ୩୦୦ ଗ୍ରାମ୍ ଯବକ୍ଷାରଯାନ, ୧୦୦ ଗ୍ରାମ୍ ଫସଫରସ୍ ଏବଂ ୩୦୦ ଗ୍ରାମ ପଟାସ୍ ଜାତୀୟ ସାର ଆବଶ୍ୟକ ହୋଇଥାଏ । ସମସ୍ତ ଫସ୍‌ଫରସ୍ ଜାତୀୟ ସାର ଗଛ ଲଗାଇବା ପୂର୍ବରୁ ବ୍ୟବହାର କରାଯାଇପାରେ । ଯବକ୍ଷାରଜାନ ସାରକୁ ୩ଭାଗ କରି ପ୍ରତ୍ୟେକ ଭାଗକୁ ଗଛ ଲଗାଇବାର ୨ମାସ, ୪ମାସ ଓ ୬ ମାସରେ ଦିଆଯିବା ଉଚିତ୍ । ପଟାସ୍ ଜାତୀୟ ସାରକୁ ଦୁଇଭାଗ କରି ଗଛ ଲଗାଇବାର ୨ମାସରେ ଥରେ



ଏବଂ ୬ମାସରେ ଦିଆଯାଇଥାଏ । ବଜାରରେ ମିଳୁଥିବା ସାରର ଅନୁପାତକୁ ଦେଖି ହିସାବ କରି ବିଭିନ୍ନ ସାରର ବ୍ୟବହାର କରାଯିବା ଉଚିତ୍ । ପେଶୀପୋଷଣ କଦଳୀ ପାଇଁ ଅନୁମୋଦିତ ପରିମାଣଠାରୁ ୨୦ଭାଗ ଅଧିକ ସାର ଦେଲେ ଭଲ ଅମଳ ମିଳିଥାଏ । ଗଛର ମୂଳରୁ ୧ଫୁଟ ଛାଡ଼ି ୬ଇଞ୍ଚ ଓସାରରେ ମାଟି ହାଣି ସେଥିରେ ସାର ବ୍ୟବହାର କରାଯାଏ । ସାର ଦେବାପରେ ଦରକାର ଅନୁଯାୟୀ ପାଣି ମଡ଼ାଇବା ଉଚିତ୍ ।

**ଅନ୍ତଃଚାଷ** - କଦଳୀଗଛ ଲଗାଇବାର ପ୍ରଥମ ୧ମାସ ମଧ୍ୟରେ ଜମିରେ ଥିବା ଖାଲିସ୍ଥାନ ଗୁଡିକରେ ଶାଗ, ଧନିଆ, ମୂଳା, ଗାଜର, ଲଙ୍କା, ଗେଣ୍ଡୁ ଓ ରଜନୀଗନ୍ଧା ଇତ୍ୟାଦି ଫସଲ ଚାଷ କରାଯାଇପାରେ । ସେପେଟା, ନଡିଆ, ଗୁଆ, ପିଜୁଳି ଓ ଲେମ୍ବୁ ବଗିଚାରେ ପୂରକ ଫସଲ ହିସାବରେ କଦଳୀ ଚାଷ କରାଯାଇପାରେ ।



**ପରବର୍ତ୍ତୀ ଯତ୍ନ** - ଗଛମୂଳରୁ ପୁଆ ବାହାରିଲେ, ଗୋଟିଏ ଭଲପୁଆ ରଖି ଅନ୍ୟସବୁ ପୁଆକୁ ମୂଳରୁ କାଟି ଦିଆଯିବା ଉଚିତ୍ । ଗଛକୁ ସିଧା ରଖିବା ପାଇଁ କାଠ କିମ୍ବା ବାଉଁଶର ସାହାଯ୍ୟ ନିଆଯାଇପାରେ । ଶୀତଦିନେ ୧୦ ଦିନରେ ଥରେ ଓ ଖରାଦିନେ ୫ଦିନରେ ଥରେ କଦଳୀ ବଗିଚାରେ ପାଣି ଦେବା ଉଚିତ୍ । କୌଣସି ପରିସ୍ଥିତିରେ ଗଛମୂଳେ ଅଧିକ ପାଣି ଜମି ରହିବାକୁ ଦେବା ଅନୁଚିତ । କଦଳୀକାନ୍ଧି ପଡିସାରିବା ପରେ ଶେଷ କଦଳୀ ଫେଣାଠାରୁ ତଳ ଆଡକୁ ୫ ସେ.ମି ଛାଡି ଭାଙ୍ଗିଦେବା ଉଚିତ୍ । ଗଛ ଲଗାଇବାର ୪ମାସ ପରେ ପ୍ରତ୍ୟେକ ୩ମାସ ଅନ୍ତରରେ ଥରେ ବାଭିଷ୍ଟନ ଔଷଧକୁ ପକାଇଲେ କୌଣସି ରୋଗ ହେବାର ସମ୍ଭାବନା ନଥାଏ । ୧୦ ଲିଟର ପାଣିରେ ୧୦ଗ୍ରାମ୍ ବାଭିଷ୍ଟିନ୍ ବ୍ୟବହାର କରାଯାଏ ।

**ରୋଗ ଓ ପୋକ ନିୟନ୍ତ୍ରଣ** -

**ଝାଉଁଳା ରୋଗ** - ପାଟକପୁରା ଗଛପାଇଁ ଏହା ସବୁଠାରୁ ମାରାତ୍ମକ ରୋଗ । ସନ୍ତସନ୍ତିଆ ଜାଗାରେ ଏହି ରୋଗ ବେଶୀମାତ୍ରାରେ ବ୍ୟାପେ । ଏହି ରୋଗ ଆକ୍ରାନ୍ତ ହେଲେ ପତ୍ର ଗୁଡିକ ହଳଦିଆ ପଡିଯାଏ, କାଣ୍ଡ ଫାଟିଯାଏ ଏବଂ ଗଛମୂଳରେ ବହୁତ ପୁଆ ବାହାରେ । ଏହି ରୋଗର ନିରାକରଣ ସ୍ୱରୂପ ଗଛ ଲଗାଇବା ପୂର୍ବରୁ ଗଛର ମୂଳକୁ ୦.୨% ବାଭିଷ୍ଟିନ୍ ମିଶ୍ରଣରେ ଅଧଘଣ୍ଟାଏ ବୁଡାଇ ରଖି ଗଛ ଲଗାଇବା ଉଚିତ୍ । ଏହି ରୋଗକୁ ଦମନ କରିବା ପାଇଁ ଫସଲ